

# ସତ୍ୟବାକ୍ୟ

# THE WORD OF TRUTH

## SEPTEMBER & OCTOBER - 2010

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.XV.Sep & Oct-2010.No-5

Published every two months in **Oriya** language for the Restoration of pure New Testament Christianity

Hear **SATYA VANI Oriya Radio** programme on
**Radio SriLanka**
Every Sunday at 6:45 a.m.

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XV KAKINADA SEP-OCT-2010


## ମଣ୍ଡଳୀର ରୂପରେଖ

## (Indentity of the Church)

ମଣ୍ଡଳୀ ବିଷୟ ଆଲୋଚନା କଲାବେଳେ, "ଖ୍ରୀଷ୍ଟଙ୍କ ମଣ୍ଡଳୀ"ର ଅର୍ଥ କଅଣ ବୋଲି ପ୍ରଶ୍ନ ଉଠେ । ଏହା ଏକ ଉତ୍ତମ ପ୍ରଶ୍ନ ଏହାର ଉତ୍ତର ଆମ୍ଭେମାନେ ବାଇବଲରେ ଖୋଜିବା ।

ଖ୍ରୀଷ୍ଟଙ୍କ ମଣ୍ଡଳୀ (Church of Christ) କାଥିଲିକ, ଯିହୁଦୀୟ ବା ପ୍ରଟେଷ୍ଟାଣ୍ଟ ମଣ୍ଡଳୀ ଜନ୍ମିତ ନୁହେଁ । କିଅବା ସେମାନଙ୍କ ଆଚରଣ ଅନୁସରଣ କରେ ନାହିଁ । ଏହା ଖ୍ରୀଷ୍ଟୀୟ ମତାଶାଖା (denomination)ବା ଖ୍ରୀଷ୍ଟୀୟ ମତାଶାଖା ଗୁଡିକର ସମଷ୍ଟି ନୁହେଁ । ଏହା ଏକ ସାମାଜିକ ସଂଘ ଜାଗତିକ ଅଟ୍ଟାଳିକା ବି ନୁହେଁ । ଅନେକଙ୍କ ଧାରଣାନୁଯାୟୀ ଏହା ଏକ ସାମାଜିକ ବା ରାଜନୈତିକ ସଂସ୍ଥା ନୁହେଁ । ମଣ୍ଡଳୀ ବିଷୟରେ ମନୁଷ୍ୟମାନଙ୍କର ବିଭିନ୍ନ ଧାରଣା ଥିବାରୁ ଆଜି ମଣ୍ଡଳୀ ବିଭିନ୍ନ ଭାଗରେ ବିଭକ୍ତ ।

ତେବେ ପ୍ରଶ୍ନ ଉଠେ, 'ମଣ୍ଡଳୀ'ର ଅର୍ଥ କଅଣ ? ବାଇବଲରେ ଲିଖିତ "ମଣ୍ଡଳୀ" ବୋଲି ପଦ, "ଇକ୍ଲେସିଆ" ବୋଲି ଗ୍ରୀକ୍ ପଦରୁ ଆନୀତ । "ଇକ୍ଲେସିଆ" ବୋଲି ଏହି ପଦର ଅର୍ଥ " ଆହ୍ୱାନ ପ୍ରାପ୍ତ" । ଅନ୍ଧକାର ରାଜ୍ୟରୁ, ଖ୍ରୀଷ୍ଟଙ୍କ ଆଲୋକର ରାଜ୍ୟକୁ ଆହ୍ୱାନ ପ୍ରାପ୍ତ ଲୋକଙ୍କ ଦ୍ୱାରା ମଣ୍ଡଳୀ ଗଠିତ । (କଲସୀ ୧ : ୧୩, ୧୪) ଅନ୍ୟ ପକ୍ଷରେ କହିବାକୁ ଗଲେ,ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ତାହାଙ୍କ ଆଜ୍ଞାବହ ହୋଇ ପାପରୁ ମୁକ୍ତ ପାଇଅଛନ୍ତି ସେମାନେ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଯୋଗ କରାଯାଇ ଅଛନ୍ତି । (ପ୍ରେରିତ ୨ :୩୮ ,୭୪) ।

ମଣ୍ଡଳୀକୁ ଅନେକ ନାମରେ ବର୍ଣ୍ଣିତ କରି, ବାଇବଲରେ ଏହାର ଅର୍ଥ ସରଳ ଭାବେ ବୁଝାଇ ଦିଆଯାଇ ଅଛି । ଉଦାହରଣ ସ୍ୱରୂପ : ଏହା ଅନେକ କାର୍ଯ୍ୟକାରୀ ଆବଶ୍ୟକ

କରୁଥିବା ଏକ "ଦ୍ରାକ୍ଷାକ୍ଷେତ୍ର" ସଦୃଶ୍ୟ । ଜାଗତିକସମସ୍ତ ରାଜ୍ୟ ଉପରେ ରାଜୁତି କରିଥିବାରୁ, ଏହା 'ଈଶ୍ୱରଙ୍କ ରାଜ୍ୟ' ବୋଲି କୁହାଯାଏ । ଏହା ଏକ ସୁରକ୍ଷିତ ସ୍ଥଳ ବୋଲି ସୁଚିତ କରିବା ପାଇଁ ଏହା ଏକ "ମେଣ୍ଢାଖୁଆଡ" ବୋଲି କୁହାଯାଏ । ବିବାହ ନିମନ୍ତେ ସୁସଜ୍ଜିତ, ନିଂସକଳଙ୍କ 'ଖ୍ରୀଷ୍ଟଙ୍କ କନ୍ୟା' ରୂପେ ମଣ୍ଡଳୀକୁ ବର୍ଣ୍ଣନା କରାଯାଏ । ମଣ୍ଡଳୀ ରୂପ 'ଈଶ୍ୱରଙ୍କ ପରିବାର'ରେ ଈଶ୍ୱର ଆମ୍ଭମାନଙ୍କର ପିତା, ଖ୍ରୀଷ୍ଟ ଆମ୍ଭମାନଙ୍କର ଜ୍ୟେଷ୍ଠ ଭ୍ରାତା ଓ ମଣ୍ଡଳୀର ସଭ୍ୟମାନେ ଆମ୍ଭମାନଙ୍କର ଭାଇ ଓ ଭଗିନୀ ସଦୃଶ୍ୟ ଅଟନ୍ତି । ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀର ମସ୍ତକ ଖ୍ରୀଷ୍ଟ ଅଟନ୍ତି ଓ ଆମ୍ଭେମାନେ ସେହି ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସଦୃଶ୍ୟ । ଏହିସବୁ ଗୁଣ ବିଶିଷ୍ଟ ଏକ ସଂସ୍ଥା 'ଖ୍ରୀଷ୍ଟଙ୍କ ମଣ୍ଡଳୀ' ଅଟେ ।

ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀକୁ ସୂକ୍ଷ୍ମଭାବେ ଜାଣିବାକୁ, ନିମ୍ନଲିଖିତ କେତୋଟି କାରଣ ଜାଣିବା ଆବଶ୍ୟକ । ସେଗୁଡ଼ିକ ହେଲା -

୧ । ଏହା ଭାବବାଣୀ ଦ୍ୱାରା ପ୍ରକଟ ହୋଇଥିଲା । (ଦାନିୟେଲ ୨:୪୪)

୨ । ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରତିଜ୍ଞାତ । (ମାଥିଉ ୧୬:୧୮)

୩ । ଏହା ଶକ୍ତିର ସହିତ ଆସିବାର ଥିଲା । (ଯୋୟେଲ ୨ :୨୮- ପ୍ରେରିତ ୧:୮)

୪ । ମଣ୍ଡଳୀ, ପେଣ୍ଟିକଷ୍ଟ ଦିନରେ ସ୍ଥାପିତ ହୋଇଥିଲା । (ପ୍ରେରିତ ୨)

୫ । ତାହା ଖ୍ରୀ: ୩୩ରେ ସ୍ଥାପିତ ହୋଇଥିଲା । (ପ୍ରେରିତ ୨)

୬ । ତାହା ଯିରୁଶାଲମରେ ସ୍ଥାପିତ ହୋଇଥିଲା । (ଲୂକ ୨୪:୪୯-ପ୍ରେରିତ ୨ୟ ପର୍ବ

୭ । ତାହା ଖ୍ରୀଷ୍ଟଙ୍କ ନାମ ଧାରଣ କରେ ।

(୧ମ କରନ୍ଥୀ ୧୨:୨୭; ରୋମୀ ୧୬:୧୬)

୮ । ଏହା ଖ୍ରୀଷ୍ଟଙ୍କ ରୂପ ପ୍ରସ୍ତର ଉପରେ ସ୍ଥାପିତ । ( ମାଥିଉ ୧୬ : ୧୮)

୯ । ଏହା, ଖ୍ରୀଷ୍ଟଙ୍କ ରୂପ ପ୍ରସ୍ତର ଉପରେ ସ୍ଥାପିତ । ( ପ୍ରେରିତ ୨୦ :୨୮)

୧୦ । ଖ୍ରୀଷ୍ଟ ଏହାର ମସ୍ତକ ସ୍ୱରୂପ ଅଟନ୍ତି । ( କଲସୀ ୧ : ୧୮)

୧୧ । ଖ୍ରୀଷ୍ଟ, ତାହାର ତ୍ରାଣକର୍ତ୍ତା । (ଏଫିସୀ ୫ : ୨୩)

୧୨ । ପରିତ୍ରାଣ ପ୍ରାପ୍ତ ଲୋକେ ସେହି ମଣ୍ଡଳୀରେ ଯୋଗ କରାଗଲା । (ପ୍ରେରିତ ୨:୪୭)

୧୩ । ସୁସମାଚାର ପ୍ରଚାର କରିବା ଓ ଦରିଦ୍ରମାନଙ୍କୁ ସାହାଯ୍ୟ କରିବା ଏହାର ପ୍ରଧାନ ଲକ୍ଷ୍ୟ । ( ମାର୍କ ୧୬ :୧୫; ଯାକୁବ ୧:୨୭)

୧୪ । ଖ୍ରୀଷ୍ଟଙ୍କ ମଣ୍ଡଳୀ, ସପ୍ତାହର ପ୍ରଥମ ଦିନରେ ଈଶ୍ୱରଙ୍କୁ ଅରାଧନା କରିବା ପାଇଁ ସମାବେଶ ହୁଅନ୍ତି । (ପ୍ରେରିତ ୨୦ : ୭)

୧୫ । ଏହାର, ସଭ୍ୟମାନେ ଖ୍ରୀଷ୍ଟିୟାନ ବୋଲି ପରିଚିତ ।(ପ୍ରେରିତ ୧୧:୨୬)

୧୫ । ଏହାର, ପ୍ରଧାନ କାର୍ଯ୍ୟାଳୟ ସ୍ୱର୍ଗରେ ଅଛି । (ପ୍ରେରିତ ୧:୧୦-୧୨)

୧୬ । ଏହା ବାଇବଲ ଅନୁସରଣ କରେ ।

(୧ମ ପିତର ୪:୧୧; ଯାକୁବ ୧:୨୫)

୧୮ । ଏହା ଅଧକ୍ଷ ଓ ସେବକମାନଙ୍କ ଦ୍ୱାରା ପାଳିତ ହୁଏ । ଏହା ପ୍ରଚାରକ ଶିକ୍ଷକ ଓ ସଭ୍ୟମାନଙ୍କ ଦ୍ୱାରା ଗଠିତ ।

୧୯ । ଏହା କେବେ ବିନଷ୍ଟ ହେବ ନାହିଁ । ( ଏବ୍ରୀ ୧୨ : ୨୮)

୨୦ । ତାହାକୁ ନେଇଯିବା ପାଇଁ, ଖ୍ରୀଷ୍ଟ ପୁନର୍ବାର ଆସିବେ । ( ଏଫିସୀ ୫ : ୨୭)

୨୧ । କେବଳ ଏକମାତ୍ର ମଣ୍ଡଳୀ ରହିଅଛି । (ଏଫିସୀ ୪ : ୪)

ଖ୍ରୀଷ୍ଟଙ୍କ ମଣ୍ଡଳୀ ଏକ ମହାନ ଦୈବିକ ସଂସ୍ଥା ଏହା ମହାନ ପରମେଶ୍ୱରଙ୍କର ସେବା କରେ । ଏହାକୁ ସର୍ବୋତ୍ତମ ଭାର ଦିଆଯାଇଅଛି । ମଣ୍ଡଳୀ ଆମ୍ଭର ତ୍ରାଣକର୍ତ୍ତା ନୁହେଁ, କିନ୍ତୁ ରକ୍ଷା ପାଇବା ନିମନ୍ତେ ଆମ୍ଭମାନଙ୍କୁ ତାହାର ସଭ୍ୟତ୍ୱ ଗ୍ରହଣ କରିବାକୁ ପଡ଼ିବ । ଏହା ଈଶ୍ୱରଙ୍କ ଏକମାତ୍ର ମଣ୍ଡଳୀ ।

'ଖ୍ରୀଷ୍ଟଙ୍କ ମଣ୍ଡଳୀ' ଆଜି ଜଗତ ସାରା ବ୍ୟାପି ଅଛି, ତଥାପି ସମସ୍ତେ ଏହାକୁ ଈଶ୍ୱରଙ୍କ ମଣ୍ଡଳୀ ରୂପେ ଗ୍ରହଣ କରନ୍ତି ନାହିଁ । କେବଳ ସତ୍ୟ ଘୋଷଣା କରୁଥିବାରୁ ଜଗତ ବାସୀ ଏହାର ସମ୍ମତ ନ ହୋଇ ଅନେକ ଏହାର ପ୍ରତିରୋଧ କରନ୍ତି । ପ୍ରକୃତ ଖ୍ରୀଷ୍ଟିୟାନ ଜାଗତିକ ବିଷୟରେ ଆସକ୍ତ ନ ହୋଇ, ଅନନ୍ତ ଜୀବନରେ ଭରସା କରିଥିବାରୁ ଏହି ଜୀବନକାଳରେ ମଧ୍ୟ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ ।

***- J.C. Choate***

❋❋❋

# ମାତା–ପରମେଶ୍ୱରଙ୍କ ଏକ ଦାନ

## (Mothers - One of the best gifts of God)

ଆମ୍ଭେମାନେ ସର୍ବଶକ୍ତିମାନ, ସର୍ବବ୍ୟାପୀ ଓ ସର୍ବଜ୍ଞାନୀ ପରମେଶ୍ୱରଙ୍କ ସେବା କରୁ । ସେ ଆଦି ଓ ଅନ୍ତ ଅଟନ୍ତି, ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା ଅଟନ୍ତି । ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ କରନ୍ତି । ଉତ୍ତମ ବସ୍ତୁ ଦ୍ୱାରା ଆମ୍ଭମାନଙ୍କ ଜୀବନ ଭରି ଦିଅନ୍ତି । ଯାକୁବ କହନ୍ତି, "ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶ ମାତ୍ର ବିକାର ନାହିଁ ।" (ଯାକୁବ ୧:୧୭) । ପ୍ରେରିତ ପିତର କହନ୍ତି, "ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛନ୍ତି ।" (୨ ପିତର ୧:୩) ।

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆକାଶ ମଣ୍ଡଳ, ପୃଥିବୀ, ସମୁଦ୍ର ଓ ତନ୍ମଧ୍ୟସ୍ଥ ସକଳ ପ୍ରାଣୀ ସୃଷ୍ଟି କଲେ । ସେ ମନୁଷ୍ୟର ଆବଶ୍ୟକୀୟ ବାୟୁ, ଜଳ, ଅଗ୍ନି, ପଶୁ, ପକ୍ଷୀ, ମତ୍ସ୍ୟ ଓ ସବୁଜ ଜଗତର ସୃଷ୍ଟିକର୍ତ୍ତା ଅଟନ୍ତି । ସେ ଆମ୍ଭମାନଙ୍କ ଶାରୀରିକ ଆବଶ୍ୟକତା ସଙ୍ଗେ ସଙ୍ଗେ, ଆତ୍ମିକ ଆବଶ୍ୟକତା ପୂରଣ କରନ୍ତି । ସେ ଆମ୍ଭମାନଙ୍କ ପାପର ମୋଚନ ନିମନ୍ତେ, ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । ସେ ଏହି ଜଗତରେ ଜନ୍ମ, ତେତିଶ ବର୍ଷ ଜୀବନଯାପନ କରି ଜଗତ ପାପ ନିମନ୍ତେ କ୍ରୁଶରେ ହତ ହେଲେ । ସମାଧି ପ୍ରାପ୍ତ ହୋଇ ତୃତୀୟ ଦିନରେ ପୁନଃଉତ୍ଥିତ ହେଲେ । ତାହାଙ୍କ ଆଜ୍ଞାବହ ପ୍ରତ୍ୟେକ ଖ୍ରୀଷ୍ଟିୟାନ, ତାହାଙ୍କ ସ୍ଥାପିତ ମଣ୍ଡଳୀ ସଂଯୁକ୍ତ ହୋଇ, ବିଶ୍ୱସ୍ତ ଯାପନ କଲେ ଜୀବନରୂପ ମୁକୁଟ ପ୍ରାପ୍ତ ହୋଇପାରିବେ । ସେ ଆମ୍ଭମାନଙ୍କ ଆତ୍ମିକ ଅଭିବୃଦ୍ଧି ନିମନ୍ତେ, ଆତ୍ମିକ ଖାଦ୍ୟ ରୂପେ ତାହାଙ୍କ ବାକ୍ୟ ଆମ୍ଭମାନଙ୍କ ନିମନ୍ତେ "ବାଇବଲ" ରୂପେ ଲିଖିତ ଭାବେ ଦେଇଅଛନ୍ତି । ପରମେଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କ ଜୀବନ ପଥ ନିମନ୍ତେ ଆଲୋକ ପ୍ରଦାନ କରେ । ତାହା ଆମ୍ଭମାନଙ୍କ ହୃଦୟରେ ସଂସ୍ଥିତ କରେ, ଆମ୍ଭେମାନେ ତାହାଙ୍କ ବିରୁଦ୍ଧରେ ପାପରୁ ନିବୃତ୍ତ ରହିପାରୁ । ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ ଲେଖନ୍ତି, "ଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚୁର ଭାବେ ତୁମ୍ଭମାନଙ୍କ ଠାରେ ବାସ କରୁ ...." (କଲସୀ ୩:୧୬)

ମନୁଷ୍ୟର ଏକାନ୍ତତା ବିନୁ, ସଦାପ୍ରଭୁଙ୍କ ଦ୍ୱାରା ସୃଷ୍ଟ ପ୍ରତ୍ୟେକ ବିଷୟ ସଦାପ୍ରଭୁଙ୍କ ଦୃଷ୍ଟିରେ ଉତ୍ତମ ଦେଖାଗଲା । ସେ ମନୁଷ୍ୟର ଏକାନ୍ତତାକୁ ଦୂର କରିବା ନିମନ୍ତେ ସ୍ତ୍ରୀକୁ ସୃଷ୍ଟି କଲେ । ଜ୍ଞାନୀ ଶଲୋମନ କହନ୍ତି, "ଗୃହ ଓ ଧନ ପିତୃଲୋକଙ୍କର ପ୍ରାପ୍ତ ଅଧିକାର, ମାତ୍ର ବୁଦ୍ଧିମତୀ ଭାର୍ଯ୍ୟା ସଦାପ୍ରଭୁଙ୍କ ଠାରୁ ପ୍ରାପ୍ତ ହୁଅଇ ।" (ହିତ ୧୯:୧୪) । ସ୍ତ୍ରୀ ସଦାପ୍ରଭୁଙ୍କ ଦ୍ୱାର ବିଶେଷ କାର୍ଯ୍ୟ ନିମନ୍ତେ ସୃଜିତ ପ୍ରାଣୀ । ଜ୍ଞାନୀ ଶଲୋମନଙ୍କ ରଚିତ ୧୨୭ ଗୀତରେ ଲେଖାଯାଏ, "ଦେଖ, ସନ୍ତାନଗଣ ସଦାପ୍ରଭୁଙ୍କର ଦତ୍ତ ଅଧିକାର ଓ ଗର୍ଭଜାତ ଫଳ ତାହାଙ୍କ ଦତ୍ତ ପୁରସ୍କାର ।" (ଗୀତ ୧୨୭:୩)

'ମାତୃପ୍ରେମ' ସଦାପ୍ରଭୁଙ୍କ ଦତ୍ତ ବରଦାନ । 'ମାତୃପ୍ରେମ' ପ୍ରତ୍ୟେକ ପ୍ରାଣିବର୍ଗରେ ଦେଖିପାରୁ । ମାତାମାନଙ୍କ ପ୍ରେମ ଲାଳନପାଳନ, ଯତ୍ନ ବିନୁ ଜୀବନଜଗତର ସ୍ଥିତି ଅସମ୍ଭବ । ମାତାମାନେ ଶିଶୁମାନଙ୍କ ଖାଦ୍ୟ, ପାନୀୟ, ବସ୍ତ୍ର, ଶୁଭ୍ରତା, ସ୍ୱାସ୍ଥ୍ୟ ପ୍ରଭୃତି ବିଷୟରେ ବିଶେଷ ଜାଗ୍ରତ ନିଅନ୍ତି । ମାତାମାନେ ହିଁ ସନ୍ତାନସନ୍ତତିମାନଙ୍କ ପ୍ରଥମ ଶିକ୍ଷକ । ସେମାନେ ଆପଣା ସନ୍ତାନସନ୍ତତିମାନଙ୍କ ପରମେଶ୍ୱରଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ଉତ୍ତମ ଅଭ୍ୟାସ, ଅନ୍ୟାନ୍ୟ ଜୀବନର ରୀତିନୀତି ଶିକ୍ଷା ଦିଅନ୍ତି । ଶିଶୁମାନେ, ଆପଣା ମାତାମାନଙ୍କ ଦ୍ୱାରା ଏହି ଜଗତକୁ ପରିଚିତ କରାଯାନ୍ତି । ଶିଶୁମାନଙ୍କ ନିମନ୍ତେ, ମାତାମାନେ ହିଁ ସର୍ବସ୍ୱ ।

ଇସ୍ରାଏଲର ମହାନେତା ମୋଶାଙ୍କ ଜୀବନରେ ତାହାଙ୍କ ମାତାଙ୍କ ପ୍ରଭାବ ବିଷୟରେ ବାଇବଲରେ ପଢ଼ିଥାଉଁ । ପୁଂସନ୍ତାନମାନଙ୍କୁ ବିନାଶ କରିବା ନିମନ୍ତେ ମିସରର ନିର୍ଦ୍ଦୟ ରାଜା ଫାରୋ ଆଜ୍ଞା ଦେଲେ । ଏକ ନଳନିର୍ମିତ ପେଡ଼ିରେ ମାଟିତେଲ ଓ ଝୁଣା ଲେପନ କରି, ନବଜାତ ମୋଶାକୁ ତାହାଙ୍କ ମାତା ଜାକବେଦ ରଖି ନଦୀ ତୀରସ୍ଥ ନଳବନରେ ରଖିଲେ । ସ୍ନାନ ନିମନ୍ତେ ଆସିଥିବା ରାଜକୁମାରୀ ସେହି ସୁନ୍ଦର ଶିଶୁକୁ ଆପଣାଇ, ତାହାଙ୍କ ନିଜ ମାତାକୁ ଲାଳନପାଳନ ନିମନ୍ତେ ଅର୍ପଣ କରିଥିଲେ । ମାତାଙ୍କ ଦ୍ୱାରା ପ୍ରଭାବିତ ମୋଶା, ଇସ୍ରାଏଲ ଜାତିର ମହାନେତା, ତାହାଙ୍କ ନେତୃତ୍ୱରେ ସଦାପ୍ରଭୁ, ଇସ୍ରାଏଲ ଜାତିକୁ ମିସରର ଦାସତ୍ୱରୁ ଉଦ୍ଧାର କରିଥିଲେ । ସଦାପ୍ରଭୁ, ଇସ୍ରାଏଲୀୟ ଜାତିକୁ ମୋଶାଙ୍କ ଦ୍ୱାରା ଦେଇଥିବା 'ବ୍ୟବସ୍ଥା' ଆମ୍ଭେମାନେ 'ମୋଶାଙ୍କ ବ୍ୟବସ୍ଥା' ରୂପେ ଜାଣୁ ।

ଇସ୍ରାଏଲର ଶେଷ ବିଚାର କର୍ତ୍ତା ଓ ପ୍ରଥମ ଭବିଷ୍ୟତ୍‌ବକ୍ତା ଶାମୁୟେଲଙ୍କ ଜୀବନରେ ତାହାଙ୍କ ମାତାଙ୍କ ପ୍ରଭାବ ବିଷୟରେ ଆମ୍ଭେମାନେ ପ୍ରଥମ ଶାମୁୟେଲଙ୍କ ପୁସ୍ତକ ପ୍ରଥମ ଅଧ୍ୟାୟରେ ପଢ଼ିଥାଉଁ । ବନ୍ଧ୍ୟା ହନ୍ନା ସଦାପ୍ରଭୁଙ୍କ ସାନ୍ନିଧ୍ୟରେ ଏକ

ପ୍ରସନ୍ତାନ ନିମନ୍ତେ ବିନୀତ କରିଥିଲେ । "ପୁଣି ସେ ଏକ ମାନତ ମନାସି କହିଲା, ହେ ସୈନ୍ୟାଧିପତି ସଦାପ୍ରଭୋ, ଯେବେ ତୁମ୍ଭେ ଆପଣା ଦାସୀର ଦୁଃଖ ପ୍ରତି ନିତାନ୍ତ ଦୃଷ୍ଟିପାତ କରିବ ଓ ମୋତେ ସ୍ମରଣ କରି ଆପଣା ଦାସୀକି ପାସୋରିବ ନାହିଁ, ମାତ୍ର ଆପଣା ଦାସୀକି ଗୋଟିଏ ପୁରୁଷ ସନ୍ତାନ ଦେବ, ତେବେ ମୁଁ ତାହାର ଯାବଜ୍ଜୀବନ ତାହାଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବି ଓ ତାହାର ମସ୍ତକରେ କ୍ଷୁର ଲାଗିବ ନାହିଁ ।" (୧ମ ଶାମୁୟେଲ ୧:୧୧) । ତାହାଙ୍କ ମାନତନୁଯାୟୀ ହାନ୍ନା ଆପଣା ପୁତ୍ରକୁ ସଦାପ୍ରଭୁଙ୍କ ଭୟଭକ୍ତିରେ ଲାଳନପାଳନ କରି, ସଦାପ୍ରଭୁଙ୍କ ପରିଚର୍ଯ୍ୟାରେ ସମର୍ପଣ କରିଥିଲେ ।

ନୂତନ ନିୟମରେ ଯୁବକ ତୀମଥିଙ୍କ ଜୀବନ ତାହାଙ୍କ ଧାର୍ମିକା ମାତା ଇଉନୀକୀ ଓ ମାତାମହୀ ଲୋୟି ପ୍ରଭାବିତ ହୋଇଥିଲା । (୨ ତୀମଥି ୧:୫) । ଯଦିଓ ତାହାଙ୍କ ପିତା ଏକ ଗ୍ରୀକ୍ ଥିଲେ, ସେମାନଙ୍କ ଅକପଟ ବିଶ୍ୱାସ ଦ୍ୱାରା ତୀମଥି ଖ୍ରୀଷ୍ଟଙ୍କର ଏକ ବଳିଷ୍ଠ ଯୋଦ୍ଧା ରୂପେ ଆମ୍ଭେ ତାହାଙ୍କୁ ଜାଣୁ ।

ଶିଶୁମାନଙ୍କ ଜୀବନରେ ମାତାଙ୍କ ପ୍ରଭାବ, ଅତ୍ୟଧିକ ଭାବେ ପଡ଼ିଥାଏ । ମାତା ଶିଶୁର ପ୍ରଥମ ଶିକ୍ଷକ । ସେ ସର୍ବପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଓ ନୀତିକୁ ଜୀବନର ସର୍ବ ପ୍ରଥମ ସ୍ଥାନ ଦେବା ବିଷୟ ଶିକ୍ଷା ଦେବା ଉଚିତ । (ମାଥିଉ ୬:୩୩) । ସେ ଯାହା ଶିକ୍ଷା ଦିଏ, ତଦନୁଯାୟୀ ଆପେ ଜୀବନଯାପନ କରିବା ଉଚିତ । ବାଳକ ବାଳିକାମାନେ ବଡ଼ମାନଙ୍କୁ ଅନୁସରଣ କରିବାରେ ଅଭ୍ୟସ୍ତ । ବାଳକମାନେ ପିତାମାନଙ୍କର ଓ ବାଳିକାମାନେ ମାତାମାନଙ୍କ ଅନୁସରଣ କରନ୍ତି । ତେଣୁକରି ମାତାମାନେ ଆପଣା ଆଚାର ବ୍ୟବହାର, କଥାବାର୍ତ୍ତା ବିଷୟରେ ସାବଧାନ ରହିବା ଆବଶ୍ୟକ । ମୁଖରୁ କୁତ୍ସିତ ବାକ୍ୟ, ମିଥ୍ୟା, ନିନ୍ଦା ପ୍ରଭୃତିରୁ ଦୂରରେ ରହୁ । ବାଇବଲ ବାକ୍ୟଧ୍ୟାନ, ପ୍ରାର୍ଥନା, ଦୈନିକ ପାରିବାରିକ ଉପାସନା, ନିୟମିତ ଭାବେ ଉପାସନାରେ ଯୋଗଦେବା ପ୍ରଭୃତି ବିଷୟରେ ବିଶେଷ ମନଯୋଗ ଦେଉ । ଜ୍ଞାନୀ ଶଲୋମନ କହନ୍ତି, "ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ, ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବ ନାହିଁ ।" (ହିତ ୨୨:୬) ।

ସନ୍ତାନସନ୍ତତିମାନଙ୍କୁ ଉତ୍ତମ, ଧର୍ମପଥରେ ଚଲାଇବା ପିତାମାତାଙ୍କ କର୍ତ୍ତବ୍ୟ । ସେମାନଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ନଦେଲେ, ବୟଃପ୍ରାପ୍ତ ହେବା ପରେ ସଦାପ୍ରଭୁଙ୍କ ମାର୍ଗରେ ଚାଲିବା କଷ୍ଟକର । "ପିଲାକୁ ଶାସ୍ତି ଦେବାକୁ ତ୍ରୁଟି କର ନାହିଁ, ତୁମ୍ଭେ ତାହାକୁ ବାଡ଼ିରେ ମାଇଲେ ହେଁ ସେ ମରିବ ନାହିଁ । ତୁମ୍ଭେ ତାହାକୁ ବାଡ଼ିରେ ମାରିବ

ଓ ପାତାଳରୁ ତାହାର ପ୍ରାଣ ରକ୍ଷା କରିବ ।'' (ହିତ ୨୩:୧୩-୧୪) । ଉତ୍ତମ ମାତାମାତାଙ୍କ ଦ୍ୱାରା ପରିପାଳିତ, ଉତ୍ତମ ସନ୍ତାନସନ୍ତତିମାନେ ଦିନେ ''ଧନ୍ୟ ଧନ୍ୟ'' କହିବେ । (ହିତ ୩୧:୨୮)

ଜ୍ୟୋତିଗଣର ପିତାଙ୍କ ଠାରୁ ଆଗତ ସମସ୍ତ ଉତ୍ତମ ଦାନ ଓ ସିଦ୍ଧ ବରମାନଙ୍କ ମଧ୍ୟରୁ 'ଉତ୍ତମ ମାତା' ନିଶ୍ଚିତ ଭାବେ ଅନ୍ୟତମ ।

*- Kabita Gootam*

❋❋❋

# ଭୂଲ ନ କରନ୍ତୁ !
## (Don't make a mistake)

ସଦାପ୍ରଭୁ ପରମେଶ୍ୱରଙ୍କ ଦ୍ୱାରା ଏହି ବିଶ୍ୱ ସୃଷ୍ଟି ହେବା ଦିନ ବଧି ମନୁଷ୍ୟ ଭୂଲ କରି ଆସୁଛି । ସେଥି ମଧ୍ୟରେ ଅନେକ ଭୂଲର ପରିମାଣ ଗୁରୁତର । ମନୁଷ୍ୟ ଇତିହାସରେ ଏକ ସ୍ତ୍ରୀ ଦ୍ୱାରା ପ୍ରଥମ ଭୂଲ ହୋଇଥିଲା । ଆମ୍ଭମାନଙ୍କ ଆଦିମାତା ହବା ପରମେଶ୍ୱରଙ୍କ ବାକ୍ୟ ଅମାନ୍ୟ କରି ଶୟତାନର ବଶ ହୋଇଥିଲେ । (ଆଦି ୩:୬)

ପ୍ରଥମ ପିତାମାତାଙ୍କ ପ୍ରଥମ ସନ୍ତାନ କୟିନ, ଇତିହାସର ଦ୍ୱିତୀୟ ଭୂଲ କରିଥିଲେ ? ତାହାଙ୍କ ବିଷୟରେ ୧ମ ଯୋହନ ୩:୧୨ ପଦରେ ଲେଖାଯାଏ, ପାପାତ୍ମାର ସନ୍ତାନ ଯେ କୟିନ, ତାହା ପରି ହୁଅ ନାହିଁ, ସେ ଆପଣା ଭାଇକୁ ବଧ କଲା, ଆଉ ସେ ତାହାକୁ କାହିଁକି ବଧ କଲା ? କାରଣ ଏହି ଯେ, ତାହାର କାର୍ଯ୍ୟ ପାପମୟ, ଆଉ ତାହାର ଭାଇ କାର୍ଯ୍ୟ ଧର୍ମମୟ ଥିଲା ।''

ବିନାଶ ନିମନ୍ତେ ପ୍ରସ୍ତୁତ ଥିବା ସଦୋମ ନଗର ପରିତ୍ୟାଗ ନ କରି ଲୋଟଙ୍କ ଜାମାତା ମାନେ ଭୂଲ କରିଥିଲେ । ସେହି ନଗର ସହିତ ସେମାନେ ମଧ୍ୟ ବିନଷ୍ଟ ହେଲେ । ଲୋଟଙ୍କ ଭାର୍ଯ୍ୟା ପରମେଶ୍ୱରଙ୍କ ଦୂତଙ୍କ ଆଜ୍ଞା ଅମାନ୍ୟ କରି, ପଛକୁ ଦେଖି, ଲବଣ ସ୍ତମ୍ଭ ହୋଇଥିଲେ । (ଆଦି ୧୯:୧୪ ଓ ୨୬ ମ ପଦ) ।

ଶାରିରୀକ ଦୁର୍ବଳତା ଯୋଗୁଁ ଏଷୌ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କରି ଭୂଲ କରିଥିଲେ । (ଆଦି ୨୫:୩୩) । ଫାରୋ ଓ ତାହାଙ୍କ ସୈନ୍ୟ ବିନା ଆହ୍ୱାନରେ ସ୍ୱଫ ସାଗରରେ ପ୍ରବେଶ କରିଥିବା ଭୂଲ ଯୋଗୁଁ ବିନଷ୍ଟ ହେଲେ ।

ମୋଶାଙ୍କ କୃତ ଭୂଲ ଯୋଗୁଁ ସେ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରି ପାରିଲେ ନାହିଁ । ସଦାପ୍ରଭୁ ପରମେଶ୍ୱର ମୋଶାଙ୍କୁ ପ୍ରସ୍ତରକୁ ଆଜ୍ଞା ଦେବାକୁ କହିଥିଲେ, କିନ୍ତୁ ସେ ପ୍ରସ୍ତରକୁ ଆଘାତ କରି ପରମେଶ୍ୱରଙ୍କ କ୍ରୋଧର ପାତ୍ର ହେଲେ । ମୋଶାଙ୍କ ଭୂଲର ପରିଣାମ ମୁଁ ପ୍ରଚାର କଲା ବେଳେ, ଯେଉଁ ପ୍ରଚାରକମାନେ ବାପ୍ତିସ୍ମ ବିଷୟରେ ଈଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି ନାହିଁ, ସେମାନଙ୍କ ନିମନ୍ତେ ଚିନ୍ତିତ ହୁଏ । ପରମେଶ୍ୱ ର ଜଳରେ ସମାଧିରୂପ ବାପ୍ତିସ୍ମ ଆଜ୍ଞା ଦେଇଥିବା ସତ୍ତ୍ୱେ ଅନେକ ପ୍ରଚାରକ ଛିଞ୍ଚା ବାପ୍ତିସ୍ମ ଦେଉଅଛନ୍ତି । ମୁଁ ଏହିପରି ପ୍ରଚାରକ ମାନଙ୍କ ନିମନ୍ତେ ଚିନ୍ତିତ ଅଟେ ।

ଅମାଲୋକୀୟମାନଙ୍କୁ ସମ୍ପୂର୍ଣ୍ଣରୂପେ ବିନାଶ କରିବାକୁ ପରମେଶ୍ୱର, ରାଜା ଶାଉଲଙ୍କୁ ଆଜ୍ଞା ଦେଇଥିଲେ । କିନ୍ତୁ ରାଜା ଶାଉଲ ଅମୋଲକୀୟ ରାଜାଙ୍କୁ ଜୀବିତ ରଖି ଘୋର ଭୂଲ କରିଥିଲେ । ଶାଉଲଙ୍କ ସେହି ଭୂଲ ଯୋଗୁଁ ଇସ୍ରାଏଲ ରାଜ୍ୟ ତାହାଙ୍କ ହସ୍ତରୁ ବିଚ୍ଛିନ୍ନ ହୋଇଥିଲା । (୧ମ ଶାମୂଏଲ ୧୫:୨୨,୨୩)

ପରମେଶ୍ୱରଙ୍କ ସିନ୍ଦୁକ ସ୍ପର୍ଶ କରିବାର ଭୂଲ ଯୋଗୁଁ ଉଷଙ୍କୁ ପରମେଶ୍ୱର ତତ୍କ୍ଷଣାତ୍ ଆଘାତ କରିଥିଲେ ଓ ସେ ସିନ୍ଦୁକ ନିକଟରେ ହିଁ ମୃତ୍ୟୁବରଣ କଲେ । (୨ ଶାମୂଏଲ ୬:୭)

ରିହବିୟାମ, ତାହାଙ୍କ ପିତା ଶଲୋମନଙ୍କ ସମୟର ପ୍ରାଚୀନମାନଙ୍କ ମନ୍ତ୍ରଣା ଉପେକ୍ଷା କରି ଭୂଲ କରିଥିଲେ । (୧ମ ରାଜା ୧୨:୮) ବୈଥ-ଶେମୀୟ ଲୋକମାନେ ସଦାପ୍ରଭୁଙ୍କ ସିନ୍ଦୁକକୁ ଅନାଇବାରୁ ସେ ସେଦିନ ପଞ୍ଚାଶ ହଜାର ଓ ସତୁରି ଜଣକୁ ସଦାପ୍ରଭୁ ବଧ କରିଥିଲେ । ବୈଥ-ଶେମୀୟମାନଙ୍କ ଭୂଲକୁ ପ୍ରଭୁ କ୍ଷମା କରିନଥିଲେ ।

ପ୍ରେରିତ ପାଉଲଙ୍କ ଚେତନା ଅଗ୍ରାହ୍ୟ କରି ରାଜା ଅଗ୍ରିପପା ଭୂଲ କରିଥିଲେ । ସେ ପାଉଲଙ୍କୁ କହିଲେ,"ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭକୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛ ?" (ପ୍ରେରିତ ୨୬:୨୮) ପାଉଲଙ୍କ ଚେତନାରେ ସେ ଭ୍ରୁକ୍ଷେପ ନ କରି ଅନନ୍ତ ଜୀବନ ହରାଇଥିଲେ । ପରମେଶ୍ୱରଙ୍କ ବାକ୍ୟ ମାନ୍ୟ ନ କରିବାରେ ମନୁଷ୍ୟମାନେ ଶୋଚନୀୟ ପ୍ରତିଫଳ ଭୋଗିଥିଲେ । ଏହି ଅଧ୍ୟାୟ ଅଧ୍ୟୟନ କରି ଆପଣା ଭୂଲ ସୁଧାରି ପରମେଶ୍ୱରଙ୍କ ଦ୍ୱାରା ସୁସଜ୍ଜିତ ପାରଦୀଶରେ ଅନନ୍ତକାଳ ବାସ କରିବେ ବୋଲି ମୁଁ ଆଶା କରେ ।

***- John Hassris***

❋❋❋

# ସମସ୍ତ ଚିନ୍ତାର ଭାର ପ୍ରଭୁଙ୍କ ଉପରେ ପକାଅ
## (Cast all your care on the Lord)

"ତୁମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ । କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।" (୧ମ ପିତର ୫:୭) ଆମ୍ଭମାନଙ୍କ ଭାର ଏତେ ଗୁରୁତର ଯେ, ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଆମ୍ଭେ କ୍ଳାନ୍ତ ହେଉଅଛୁ । ଆମ୍ଭମାନଙ୍କ ଭାର ବହନ କରିବାର ସାହାଯ୍ୟକାରୀଙ୍କ ହସ୍ତ ଆମ୍ଭମାନଙ୍କୁ ଉପଶମ ପ୍ରଦାନ କରେ । ଆମ୍ଭମାନଙ୍କ ଜୀବନର ଭାର ଯେତେବେଳେ ଅସହ୍ୟ ହୋଇଉଠେ, ଆମ୍ଭମାନଙ୍କ ନିମନ୍ତେ ଏକ ଭାର ବହନକାରୀ ହସ୍ତ ଅଛି ବୋଲି ସର୍ବଦା ମନେ ରଖିବା ଉଚିତ । ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ଦୁଃଖ, କଷ୍ଟର ସମସ୍ତ ଭାର ବହନ କରିବା ନିମନ୍ତେ ସଦା ପ୍ରସ୍ତୁତ ଅଟନ୍ତି । ଆପଣମାନଙ୍କ ଭାର ଆପଣ ଜଣେ ବହନ କରିବାର ଆବଶ୍ୟକତା ନାହିଁ । ପରମେଶ୍ୱରଙ୍କ ସାହାଯ୍ୟକାରୀ ହସ୍ତ ଆମ୍ଭମାନଙ୍କୁ ସାହାଯ୍ୟ କରିବାରେ ମେଲାଇ ରଖିଅଛନ୍ତି । ସେ ଆମ୍ଭମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ପ୍ରତିଜ୍ଞା କରିଅଛନ୍ତି, ତେଣୁ କରି ଆପଣଙ୍କ ଦୁଃଖ, କଷ୍ଟ, କ୍ଳେଶ, ଯାତନା ସମୟରେ ତାହାଙ୍କ ନିକଟକୁ ଯିବା ନିମନ୍ତେ କୁଣ୍ଠାବୋଧ କରନ୍ତୁ ନାହିଁ । "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ, ଯେଣୁ ମୋହର ଯୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।" (ମାଥିଉ ୧୧:୨୮-୩୦)

ପ୍ରଭୁ ଯୀଶୁଖ୍ରୀଷ୍ଟ ଆପଣଙ୍କ ସମସ୍ତ ଚିନ୍ତାର ଭାର ସହିତ ତାହାଙ୍କ ନିକଟକୁ ଆସିବାକୁ ଆହ୍ୱାନ ଜଣାନ୍ତି । ଆପଣଙ୍କ ଚିନ୍ତାର ଭାର ବଦଳେ ସେ ବିଶ୍ରାମ ଦେବାକୁ ଆଶ୍ୱାସନା ଦିଅନ୍ତି । ଶୟତାନର ଅନୁଚରମାନଙ୍କ ଭାର ଅପେକ୍ଷା ଯୀଶୁଖ୍ରୀଷ୍ଟ ଆପଣା ଅନୁଚରମାନଙ୍କ ଉପରେ ଥୋଉଥିବା ଭାର ଉଶ୍ୱାସ । ଲଜ୍ଜା, ଅନୁତାପ, ଦୁର୍ନୀତିରେ ଭାରଗ୍ରସ୍ତ ଲୋକମାନଙ୍କ ନିମନ୍ତେ ଶାରୀରିକ ଓ ଆତ୍ମିକ ମୃତ୍ୟୁ ସଞ୍ଚିତ ହୋଇ ରହିଅଛି । ଜ୍ଞାନୀ ଖ୍ରୀଷ୍ଟିୟାନ ଆପଣା ଆପଣା ଚିନ୍ତାର ଭାର ଆପେ ବହନ କରନ୍ତି ନାହିଁ । କାରଣ ତାହା ମୂର୍ଖତା ଓ ଅନାବଶ୍ୟକ ବୋଲି ସେ ଜାଣେ ।

ଖ୍ରୀଷ୍ଟିୟାନ ଆପଣା ଆବଶ୍ୟକତା ପ୍ରାର୍ଥନା ଦ୍ୱାରା ପରମେଶ୍ୱରଙ୍କ ଠାରେ

ଜଣାନ୍ତି ଏବଂ ସେ ଆପଣା ଇଚ୍ଛାନୁଯାୟୀ ଆମ୍ଭମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରନ୍ତି ।

ଆମ୍ଭମାନଙ୍କ ଚିନ୍ତାର ଭାର କେହି ଜଣେ ବହନକାରୀଥିଲେ, ଆମ୍ଭମାନଙ୍କ ଜୀବନ ଆନନ୍ଦମୟ ଓ ସହଜ ହୋଇଉଠେ । ଆପଣ ଯଦି ଏବେ ପର୍ଯ୍ୟନ୍ତ ଆପଣଙ୍କ ଚିନ୍ତାର ଭାର ତାହାଙ୍କ ଉପରେ ଥୋଇ ନାହାଁନ୍ତି, ଏବେ ହିଁ ଉପଯୁକ୍ତ ସମୟ । ପ୍ରଭୁଙ୍କ ଠାରେ ବିଶ୍ୱାସ କରି, ତାହାଙ୍କ ଆଜ୍ଞାପାଳନ କର । ସେ ଆପଣଙ୍କ ସମସ୍ତ ଭାର ବହନ କରିବେ । ଯେଉଁ ସର୍ବଶକ୍ତିମାନ ପରମେଶ୍ୱର ଆମ୍ଭମାନଙ୍କ ସମସ୍ତ ଚିନ୍ତାର ଭାର ବହନ କରିବା ନିମନ୍ତେ ପ୍ରତିଜ୍ଞା କରିଅଛନ୍ତି, ତାହାଙ୍କ ଉପରେ ଆପଣା ସମସ୍ତ ଚିନ୍ତାର ଭାର ଥୋଇ, ଆନନ୍ଦ ଓ ଆଶୀର୍ବାଦ ଦାୟକ ଜୀବନଯାପନ କର ।

***- David Macy***

❋❋❋

# ମାଗ, ଖୋଜ ଓ ଦ୍ୱାରରେ ମାର
## (Ask, Seek and Knock)

"ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ । ଖୋଜ, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ, ସେ ପାଏ, ଯେ ଖୋଜେ, ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇ ଦିଆଯାଏ ।" (ମାଥିଉ ୭:୭-୮) । ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ଏହି ଅମୂଲ୍ୟ ପ୍ରତିଜ୍ଞାର ଅର୍ଥ ଅନେକ ବୁଝି ନପାରି, ଭ୍ରାନ୍ତ ହୋଇଅଛନ୍ତି । ବାକ୍ୟଧ୍ୟାନ ଦ୍ୱାରା ଏହି ବାକ୍ୟ ଆମ୍ଭମାନଙ୍କୁ ଆହୁରି ବିଶ୍ୱାସ ଜୀବନରେ ସବଳ କରିବ । ଏହି ପ୍ରତିଜ୍ଞା ସେ ଆପଣା ଶିଷ୍ୟମାନଙ୍କୁ ପର୍ବତ ଉପରେ ଉପଦେଶ ଦେବା ସମୟରେ ଦେଇଥିଲେ । (ମାଥିଉ ୫:୧-୨) କିନ୍ତୁ ଭ୍ରଷ୍ଟ ଜଗତକୁ ଦିଆଯାଇନଥିଲା । ସେ କହିଲେ, "ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ ।"

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ଆମ୍ଭମାନଙ୍କ ଜାଗତିକ ପିତାମାନଙ୍କ ଠାରୁ ଅତ୍ୟାଧିକ ଭାବେ ଆଶୀର୍ବାଦ କରନ୍ତି । "ଆହୁରି ମଧ୍ୟ, ଆମ୍ଭମାନଙ୍କ ଶାସନକାରୀ ଆମ୍ଭମାନଙ୍କ ଶାରୀରିକ ପିତୃଗଣଙ୍କୁ କେତେ ଅଧିକ ରୂପେ ବଶୀଭୂତ ହୋଇ ଜୀବନ

ପ୍ରାପ୍ତ ନ ହେବୁ ? (ଏବ୍ରୀ ୧୨:୯) । ଆମ୍ଭମାନଙ୍କ ପିତାମାତାଙ୍କ ପ୍ରେମ କି ଆମେ ମାପି ପାରିବା ?'' ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା, ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ ?'' (ମାଥିଉ ୭:୭-୮) ପିତା ପରମେଶ୍ୱର କେବେ ହେଁ, ଆମ୍ଭମାନଙ୍କୁ ନିରାଶ କରିବେ ନାହିଁ । ପାଉଲ କହନ୍ତି, ''ଆଉ ସମସ୍ତ ବିଷୟ ସର୍ବଦା ଯଥେଷ୍ଟ ରୂପେ ପାଇ ତୁମ୍ଭେମାନେ ଯେପରି ସମସ୍ତ ଉତ୍ତମ କର୍ମ ନିମନ୍ତେ ଅଧିକରୁ ଅଧିକତର ଦାନ କରିପାର, ଏଥି ନିମନ୍ତେ ଈଶ୍ୱର ତୁମ୍ଭମାନଙ୍କୁ ସର୍ବ ପ୍ରକାର ଅନୁଗ୍ରହ ପ୍ରଚୁର ଭାବରେ ଦେବାକୁ ସମର୍ଥ ଅଟନ୍ତି ।'' (୨ କରିନ୍ଥୀ ୯:୮) ସେ ଫିଲିପୀ ମଣ୍ଡଳୀକୁ କହନ୍ତି, ''ମୋହର ଈଶ୍ୱର ଖ୍ରୀଷ୍ଟଯୀଶୁଙ୍କ ଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ ।'' (ଫିଲିପ୍ ୪:୧୯) ଯୀଶୁ କହିଲେ, ''ପିତା ଯେପରି ପୁତ୍ରଙ୍କ ଠାରେ ମହିମାନ୍ୱିତ ହୁଅନ୍ତି, ଏଥି ନିମନ୍ତେ ତୁମ୍ଭେମାନେ ମୋ' ନାମରେ ଯାହା କିଛି ମାଗିବ, ତାହା ମୁଁ କରିବି । ଯଦି ତୁମ୍ଭେମାନେ ମୋ' ନାମରେ କୌଣସି ବିଷୟ ମୋତେ ମାଗିବ, ମୁଁ ତାହା କରିବି ।'' (ଯୋହନ ୧୪:୧୩-୧୪) । ସେ ଧାର୍ମିକମାନଙ୍କ ପ୍ରାର୍ଥନା ଶ୍ରବଣ କରନ୍ତି, ''ପୁଣି ଆମ୍ଭେମାନେ ଯାହା ଯାହା ମାଗୁ, ସେହି ସବୁ ତାହାଙ୍କ ଠାରୁ ପାଇଥାଉ, କାରଣ ତାହାଙ୍କର ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା କରିଥାଉ ।'' (୧ମ ଯୋହନ ୩:୨୨) ଈଶ୍ୱରଙ୍କ ସନ୍ତାନମାନେ ସେମାନଙ୍କ ପ୍ରାର୍ଥନା ପରମେଶ୍ୱର ଶୁଣନ୍ତି ବୋଲି ଦୃଢ଼ ବିଶ୍ୱାସ କରି ପ୍ରତିଫଳ ନିମନ୍ତେ ଅପେକ୍ଷା କରନ୍ତି ।

**ଅନେକ ପ୍ରାର୍ଥନାର ଜବାବ କାହିଁକି ନ ପାଉ ? :**

ପରମେଶ୍ୱରଙ୍କ ଅପାର ପ୍ରେମର ଅନେକ ପ୍ରତିଜ୍ଞା ସତ୍ତ୍ୱେ ଆମ୍ଭେମାନେ କାହିଁକି ଅନେକ ପ୍ରାର୍ଥନାର ଜବାବ ପାଇନଥାଉ ? ଅନେକ ବର୍ଷ ପୂର୍ବେ ଏହି ପ୍ରଶ୍ନର ଉତ୍ତରରେ ଯିଶାଇୟ ଭାବବାଦୀ କହିଥିଲେ, ''ମାତ୍ର ତୁମ୍ଭମାନଙ୍କର ଅପରାଧସବୁ, ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱର ମଧ୍ୟରେ ବିଚ୍ଛେଦ ଘଟାଇଅଛି, ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କ ଠାରୁ ତାହାଙ୍କ ମୁଖ ଲୁଚାଇଅଛି ଏଥିପାଇଁ ସେ ଶୁଣିବେ ନାହିଁ ।'' (ଯିଶାଇୟ ୫୯:୨) ଏହି ବିଷୟ ଯାକୁବ ମଧ୍ୟ ଆପଣା ପତ୍ରରେ ଲେଖି ଅଛନ୍ତି, ''ତୁମ୍ଭେମାନେ ମାଗି ଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଆପଣା ସୁଖାଭିଳାଷରେ ବ୍ୟୟ

କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ ।'' (ଯାକୁବ ୪:୩) ଆମ୍ଭମାନଙ୍କ ଜାଗତିକ ଅଭିଳାଷ ତୀବ୍ର କରିବା ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କ ପ୍ରାର୍ଥନା, ସେ ଶୁଣନ୍ତି ନାହିଁ । ମୃତ୍ୟୁ ଭୋଗିବା ପୂର୍ବେ ଯୀଶୁଖ୍ରୀଷ୍ଟ, ''ମୋହର ଇଚ୍ଛା ନୁହେଁ, ମାତ୍ର ତୁମ୍ଭର ଇଚ୍ଛା ସଫଳ ହେଉ'' ବୋଲି ପ୍ରାର୍ଥନା କରିଥିଲେ । ଆମ୍ଭମାନଙ୍କ ପ୍ରାର୍ଥନା ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ଅସ୍ୱାର୍ଥର ପ୍ରାର୍ଥନାର ପ୍ରତିବିମ୍ବ ହେଉ । ଅନେକ ପରମେଶ୍ୱରଙ୍କ ଇଚ୍ଛା ପାଳନ ନ କରି, ତାହାଙ୍କ ଠାରୁ ଆଶୀଷ ଆଶା କରନ୍ତି । ଜଣେ ଜନ୍ମାନ୍ଧ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଦୃଷ୍ଟିପ୍ରାପ୍ତ ହେବା ପରେ ତାଡ଼ନା କରୁଥିବା ଯିହୂଦୀ ନେତାମାନଙ୍କୁ କହିଲେ, ''ଈଶ୍ୱର ଯେ ପାପୀମାନଙ୍କ କଥା ଶୁଣନ୍ତି ନାହିଁ, ଏହା ଆମ୍ଭେମାନେ ଜାଣୁ, କିନ୍ତୁ ଯଦି କେହି ଈଶ୍ୱର ଭକ୍ତ ହୋଇ ତାହାଙ୍କର ଇଚ୍ଛା ସାଧନ କରେ, ତାହାହେଲେ ସେ ତା'ର କଥା ଶୁଣନ୍ତି ।'' (ଯୋହନ ୯:୩୧) । ଯାକୁବ ଆପଣା ପତ୍ରରେ ଲେଖନ୍ତି,''.......ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟସାଧନ କରିପାରେ । (୫:୧୬) । ଯେଉଁମାନେ ତାହାଙ୍କ ଇଚ୍ଛାନୁଯାୟୀ ପ୍ରାର୍ଥନା କରନ୍ତି, ପରମେଶ୍ୱର ସେମାନଙ୍କ ପ୍ରାର୍ଥନା ଶୁଣନ୍ତି । ''ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହସ ଅଛି । ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହା କିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ ।'' (୧ମ ଯୋହନ ୫:୧୪-୧୫) । ନିରନ୍ତର ପ୍ରାର୍ଥନା କର, ଦୟାବାନ ଓ କୃପାବାନ ପରମେଶ୍ୱର ଆପଣଙ୍କ ପ୍ରାର୍ଥନାର ଜବାବ ଦେବେ ।

**ତାହାଙ୍କୁ ଖୋଜ, ପାଇପାରିବ :**

ବିନଷ୍ଟ ହେଉଥିବା ମନୁଷ୍ୟମାନେ ତାହାଙ୍କ ଅନ୍ୱେଷଣ କଲେ, ତାହାଙ୍କ ସନ୍ଧାନ ପାଇପାରିବେ । ''ଯେତେବେଳେ ତୁମ୍ଭେ ସଙ୍କଟରେ ପଡ଼ିବ ଓ ଏହି ସମସ୍ତ ତୁମ୍ଭ ପରମେଶ୍ୱରଙ୍କ ପ୍ରତି ଫେରିବ ଓ ତାହାଙ୍କ ରବରେ ଅବଧାନ କରିବ । ଯେହେତୁ ସଦାପ୍ରଭୁ ତୁମ୍ଭ ପରମେଶ୍ୱର ଅଟନ୍ତି, ସେ ତୁମ୍ଭକୁ ତ୍ୟାଗ କରିବେ ନାହିଁ କି ତୁମ୍ଭକୁ ବିନଷ୍ଟ କରିବେ ନାହିଁ, କିଅବା ଶପଥ ଦ୍ୱାରା ତୁମ୍ଭ ପୂର୍ବପୁରୁଷମାନଙ୍କ ନିକଟରେ ଯେଉଁ ନିୟମ କରିଅଛନ୍ତି, ତାହା ବିସ୍ମୃତ ହେବେ ନାହିଁ ।'' (ଦ୍ୱିତୀୟ ବିବରଣ ୪:୩୦-

୩୧) ଏହି ପ୍ରତିଜ୍ଞା ନୂତନ ନିୟମରେ ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି, "ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାରଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ (ଏବ୍ରୀ ୧୧:୬) । ବିନାଶ ପାତ୍ର ମନୁଷ୍ୟମାନେ ଈଶ୍ୱରଙ୍କ ଅନ୍ୱେଷଣ କରିବା ଈଶ୍ୱରଙ୍କ ଇଚ୍ଛାମତ ଅଟେ । କାରଣ ମନୁଷ୍ୟମାନଙ୍କ ବିନାଶ ତାହାଙ୍କ ସନ୍ତୋଷଜନକ ନୁହେଁ । ଅନେକ ବର୍ଷ ପୂର୍ବେ ସେ ଯିହିଜିକଲ ଭାବବାଦୀମାନଙ୍କ ଦ୍ୱାରା କହିଥିଲେ, "ଆମ୍ଭେ ଜୀବିତ ଥିବା ପ୍ରମାଣେ, ଦୁଷ୍ଟର ମରଣରେ ଆମ୍ଭର ସନ୍ତୋଷ ନାହିଁ, ମାତ୍ର ଦୁଷ୍ଟ ଯେପରି ଫେରି ବଞ୍ଚିବ, ଏଥିରେ ହିଁ ଆମ୍ଭର ସନ୍ତୋଷ ଅଛି, ତୁମ୍ଭେମାନେ ଫେର, ଆପଣା ଆପଣା କୁପଥରୁ ଫେର, କାରଣ ହେ ଇଶ୍ରାୟେଲ ବଂଶ ତୁମ୍ଭେ କି ହେତୁ ମରିବ ?" (ଯିହିଜିକଲ ୩୩:୧୧) । ପରମେଶ୍ୱର ଆମ୍ଭମାନଙ୍କ ନିମନ୍ତେ ଅନନ୍ତଜୀବନ ସଞ୍ଚିତ କରିଅଛନ୍ତି, ତାହା ଅନ୍ୱେଷଣ କଲେ ପ୍ରାପ୍ତ ହୋଇପାରିବା ।

**ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର :**

ପ୍ରଭୁ ଯୀଶୁଖ୍ରୀଷ୍ଟ ପର୍ବତ ଉପଦେଶରେ କହନ୍ତି, "ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ । ଅତଏବ, କାଲି ପାଇଁ ଚିନ୍ତିତ ହୁଅ ନାହିଁ, କାରଣ କାଲି ନିଜେ ନିଜ ପାଇଁ ଚିନ୍ତା କରିବ । ଆଜିର କଷ୍ଟ ଆଜି ପାଇଁ ଯଥେଷ୍ଟ ।" (ମାଥିଉ ୬:୩୩-୩୪) । ସ୍ୱର୍ଗରାଜ୍ୟରେ ପ୍ରବେଶ କରିବା ପରେ ମନୁଷ୍ୟ ଉତ୍କୃଷ୍ଟତର ବିଷୟର ଅନ୍ୱେଷଣ କରେ । ପାଉଲ କହନ୍ତି, "କେହି ନିଜର ସ୍ୱାର୍ଥ ଚେଷ୍ଟା ନ କରୁ, ମାତ୍ର ପ୍ରତ୍ୟେକେ ଅନ୍ୟର ମଙ୍ଗଳ ଚେଷ୍ଟା କରୁ ।" (୧ମ କରିନ୍ଥୀ ୧୦:୨୪) । ଆପଣ କଅଣ ଅନ୍ୱେଷଣ କରୁଅଛନ୍ତି ? ଆମ୍ଭେମାନେ ଯେବେ ଖ୍ରୀଷ୍ଟଙ୍କ ସହିତ ଉତ୍ଥାପିତ ହୋଇଅଛ, ତେବେ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଖ୍ରୀଷ୍ଟଙ୍କର ଯେଉଁ ବାସସ୍ଥାନ, ସେହି ଊର୍ଦ୍ଧ୍ୱସ୍ଥ ସ୍ଥାନର ବିଷୟସବୁ ଅନ୍ୱେଷଣ କଲେ ଆମ୍ଭମାନଙ୍କ ଜୀବନ ଧନ୍ୟ ହେବ । ଅବ୍ରାହମ ପ୍ରତିଜ୍ଞାତ ଦେଶ ପ୍ରାପ୍ତ ହୋଇ ନଥିଲେ, କିଅବା ଦେଖିନଥିଲେ, କିନ୍ତୁ ବିଶ୍ୱାସରେ ତହିଁର ଅପେକ୍ଷା କରିଥିଲେ । "କାରଣ ଯେଉଁ ନଗର ଭିତ୍ତିମୂଳ ବିଶିଷ୍ଟ, ପୁଣି ଯାହାର ଶିଳ୍ପୀ ଓ ନିର୍ମାତା ସ୍ୱୟଂ ଈଶ୍ୱର ସେ ତହିଁର ଅପେକ୍ଷାରେ ଥିଲେ ।" (ଏବ୍ରୀ ୧୧:୧୦) ବିଶ୍ୱାସର ବୀରମାନଙ୍କ ବିଷୟରେ ଲେଖାଯାଏ, "ବିଶ୍ୱାସ ଦ୍ୱାରା ଏହି

ସମସ୍ତ ସୁଖ୍ୟାତି ଲାଭ କରି ସୁଦ୍ଧା ପ୍ରତିଜ୍ଞାର ଫଳ ପ୍ରାପ୍ତ ହେଲେ ନାହିଁ । ଯେଣୁ ଈଶ୍ୱର ଆମ୍ଭମାନଙ୍କ ନିମନ୍ତେ ଉତ୍କୃଷ୍ଟତର ବିଷୟ ପ୍ରସ୍ତୁତ କରି ରଖିଥିଲେ, ଯେପରି ସେମାନେ ଆମ୍ଭମାନଙ୍କ ବିନା ସିଦ୍ଧିଲାଭ ନ କରନ୍ତି ।'' (ଏବ୍ରୀ ୧୧:୩୯-୪୦) ଅବ୍ରାହମଙ୍କ ସଦୃଶ୍ୟ ଆମ୍ଭେମାନେ ପ୍ରତିଜ୍ଞାର ନଗରର ଅପେକ୍ଷାରେ ଅଛୁ । ''କାରଣ ଏଠାରେ ଆମ୍ଭମାନଙ୍କର ଚିରସ୍ଥାୟୀ ନଗର ନାହିଁ, କିନ୍ତୁ ଆମ୍ଭେମାନେ ଆଗାମୀ ନଗରର ଅନ୍ୱେଷଣ କରୁଅଛୁ ।'' (ଏବ୍ରୀ ୧୩:୧୪) । ଆମ୍ଭମାନଙ୍କ ଆଶା ଓ ଭରସା ଯୀଶୁଖ୍ରୀଷ୍ଟଙ୍କ ବାକ୍ୟରେ ଅଛି, ଯାହା କହେ,''ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ, ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।'' (ପ୍ରକାଶିତ ୨:୧୦)

**ଉପଯୁକ୍ତ ସମୟରେ ତାହାଙ୍କ ଅନ୍ୱେଷଣ କରୁ :**

ବହୁ ଶତାବ୍ଦୀ ପୂର୍ବେ ଯିଶାଇୟ ଭାବବାଦୀ ଆପଣା ଲୋକମାନଙ୍କୁ ପ୍ରଭୁଙ୍କ ପ୍ରତି ଫେରିବା ନିମନ୍ତେ ଉତ୍ସାହିତ କରିଥିଲେ । ''ଯେ ପର୍ଯ୍ୟନ୍ତ ସଦାପ୍ରଭୁଙ୍କର ଉଦ୍ଦେଶ୍ୟ ମିଳୁଅଛି, ସେ ପର୍ଯ୍ୟନ୍ତ ତୁମ୍ଭେମାନେ ତାହାଙ୍କର ଅନ୍ୱେଷଣ କର, ଯେ ପର୍ଯ୍ୟନ୍ତ ସେ ନିକଟରେ ଅଛନ୍ତି, ସେ ପର୍ଯ୍ୟନ୍ତ ତାହାଙ୍କ ଠାରେ ପ୍ରାର୍ଥନା କର । ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଂକଳ୍ପରୁ ପରିତ୍ୟାଗ କରୁ, ପୁଣି ସେ ସଦାପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ, ଆଉ ସେ ଆମ୍ଭମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ, କାରଣ ସେ ବହୁଳରୂପରେ କ୍ଷମା କରିବେ ।'' (ଯିଶାଇୟ ୫୫:୬-୭) ଏହି ଆହ୍ୱାନ ମୋ' ପାଇଁ ଏବଂ ଆପଣଙ୍କ ପାଇଁ ମଧ୍ୟ ! ତାହାଙ୍କ ପ୍ରତି ଫେରିବା ମନୁଷ୍ୟମାନଙ୍କୁ ସେ ଆଶୀର୍ବାଦ କରିବା ନିମନ୍ତେ, ଅପେକ୍ଷା କରୁଅଛନ୍ତି । ପାଉଲ କରନ୍ଥି ମଣ୍ଡଳୀକୁ ଲେଖନ୍ତି, ''କାରଣ ସେ କହନ୍ତି, ଆମ୍ଭେ ଅନୁଗ୍ରହର ସମୟରେ ତୁମ୍ଭର ପ୍ରାର୍ଥନା ଶ୍ରବଣ କଲୁ, ଆଉ ପରିତ୍ରାଣର ଦିନରେ ଆମ୍ଭେ ତୁମ୍ଭର ସାହାଯ୍ୟ କଲୁ । ''ଦେଖ, ଏହା ମହା ଅନୁଗ୍ରହର ସମୟ, ଦେଖ ଏବେ ପରିତ୍ରାଣର ଦିନ ।'' (୨ କରିନ୍ଥୀ ୬:୨) ଯୀଶୁଖ୍ରୀଷ୍ଟ ମଧ୍ୟ ସମୟର ସୀମାବଦ୍ଧରେ କାର୍ଯ୍ୟ କରିଥିଲେ, ''ଦିନ ଥାଉ ଥାଉ ମୋହର ପ୍ରେରଣକର୍ତ୍ତାଙ୍କ କର୍ମ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଯେଉଁ ସମୟରେ କେହି କର୍ମ କରିପାରେ ନାହିଁ, ଏପରି ରାତ୍ର ଆସୁଅଛି ।'' (ଯୋହନ ୯:୪) କିନ୍ତୁ ଅନେକ ବିଳମ୍ବ କରି ତାହାଙ୍କ ଆଶୀଷରୁ ବଞ୍ଚିତ ହୁଅନ୍ତି, ''ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କରିବାକୁ ପ୍ରାଣପଣ କର, କାରଣ ମୁଁ ତୁମ୍ଭମାନଙ୍କୁ କହୁଅଛି, ଅନେକ ପ୍ରବେଶ କରିବା ନିମନ୍ତେ ଚେଷ୍ଟା କରିବେ, କିନ୍ତୁ ପାରିବେ ନାହିଁ । ଗୃହକର୍ତ୍ତା

ଉଠି ଦ୍ୱାର ବନ୍ଦ କଲା ଉତ୍ତାରେ ଯେତେବେଳେ ତୁମ୍ଭେମାନେ ବାହାରେ ଠିଆ ହୋଇ ରହିବ ଓ ହେ ପ୍ରଭୁ, ଆମ୍ଭମାନଙ୍କ ନିମନ୍ତେ ଦ୍ୱାର ଫିଟାଅନ୍ତୁ, ଏହା କହି ଦ୍ୱାରରେ ମାରିବାକୁ ଲାଗିବ, ସେତେବେଳେ ସେ ତୁମ୍ଭମାନଙ୍କୁ ଉତ୍ତର ଦେବେ, ତୁମ୍ଭେମାନେ କେଉଁ ସ୍ଥାନର ଲୋକ, ତାହା ମୁଁ ଜାଣେ ନାହିଁ ।'' (ଲୂକ ୧୩:୨୪-୨୫) । ପ୍ରିୟ ବନ୍ଧୁ, ସମୟ ଓ ସୁଯୋଗ ଥାଉ ପରମେଶ୍ୱରଙ୍କ ଅନ୍ୱେଷଣ କର ।

**ଉପଯୁକ୍ତ ସ୍ଥାନରେ ତାହାଙ୍କ ଅନ୍ୱେଷଣ କର :**

ମୋଶା ଆପଣା ମହାପ୍ରସ୍ଥାନ ପୂର୍ବରୁ ଇଶ୍ରାୟେଲ ଗୋଷ୍ଠୀଙ୍କୁ କହିଲେ, ''ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱର ଆପଣା ନାମ ରଖିବା ନିମନ୍ତେ ତୁମ୍ଭମାନଙ୍କ ବଂଶ ମଧ୍ୟରୁ ଯେଉଁ ସ୍ଥାନ ମନୋନୀତ କରିବେ, ତାହାଙ୍କ ସେହି ନିବାସ ସ୍ଥାନ ତୁମ୍ଭେମାନେ ଅନ୍ୱେଷଣ କରିବ ଓ ସେହି ସ୍ଥାନକୁ ତୁମ୍ଭେମାନେ ଯିବ ।'' (ଦ୍ୱି.ବି. ୧୨:୫) ପରମେଶ୍ୱର ତାହାଙ୍କ ନାମ ଯେଉଁ ସ୍ଥାନରେ ରଖିଥିଲେ, ସେହି ସ୍ଥାନରେ ଇଶ୍ରାୟେଲୀୟ ମାନେ ତାହାଙ୍କର ଅନ୍ୱେଷଣ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । ମୂର୍ତ୍ତିପୂଜା ହେଉଥିବା ମନ୍ଦିରମାନଙ୍କରେ ପରମେଶ୍ୱରଙ୍କ ଅନ୍ୱେଷଣ କରିବା ବୃଥା କାରଣ ସେହି ସ୍ଥାନଗୁଡ଼ିକରେ ପରମେଶ୍ୱର ଆପଣା ନାମ ରଖି ନାହାନ୍ତି । ବ୍ୟବସ୍ଥା ଦେବା ସମୟରେ ପିତା ପରମେଶ୍ୱର ଇଶ୍ରାୟେଲକୁ ପ୍ରତିଜ୍ଞା କରି କହିଥିଲେ, ''........ଆମ୍ଭେ ଯେଉଁ ପ୍ରତ୍ୟେକ ସ୍ଥାନରେ ଆପଣା ନାମ ସ୍ମରଣ କରାଇବା, ସେହି ପ୍ରତ୍ୟେକ ସ୍ଥାନରେ ଆମ୍ଭେ ତୁମ୍ଭ ନିକଟକୁ ଆସି ତୁମ୍ଭକୁ ଆଶୀର୍ବାଦ କରିବା ।'' (ଯାତ୍ରା ୨୦:୨୪) ଏହି ଅନୁଗ୍ରହ ଯୁଗରେ ମଧ୍ୟ ପରମେଶ୍ୱରଙ୍କ ଏହି ପ୍ରତିଜ୍ଞା ଆମ୍ଭମାନଙ୍କୁ ବର୍ତ୍ତାଏ । କାରଣ ବାକ୍ୟ କହେ, ''ଆମ୍ଭମାନଙ୍କ ଈଶ୍ୱର ଓ ପିତା ଧନ୍ୟ ହୁଅନ୍ତୁ, ସେ ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କୁ ସମସ୍ତ ଆତ୍ମିକ ଆଶୀର୍ବାଦ ଦ୍ୱାରା ସ୍ୱର୍ଗରେ ଆଶୀର୍ବାଦ କରିଅଛନ୍ତି ।'' (ଏଫିସୀ ୧:୩) । ତାହାଙ୍କ ଆଶୀଷ ସ୍ଥଳରେ ତାହାଙ୍କ ଦତ୍ତ ପରିତ୍ରାଣ ଅନ୍ତର୍ଭୁକ୍ତ ଅଟେ ।

ଅନେକ ସ୍ଥାନରେ ମନୁଷ୍ୟମାନେ ଆତ୍ମିକ ଆଶୀଷ ଅନ୍ୱେଷଣ କରନ୍ତି, କିନ୍ତୁ ପ୍ରାପ୍ତ ହୁଅନ୍ତି ନାହିଁ । କାରଣ ସମସ୍ତ ଆତ୍ମିକ ଆଶୀଷ ଖ୍ରୀଷ୍ଟଯୀଶୁଙ୍କ ଠାରେ ସଞ୍ଚିତ ହୋଇଅଛି । ତାହାଙ୍କ ବ୍ୟତୀତ ଅନ୍ୟ କୌଣସିଠାରେ ଆତ୍ମିକ ଆଶୀଷ ପାଇ ନ ପାରୁ । ''ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟସବୁ ହୋଇଅଛି ।'' (୨ କରିନ୍ଥୀ ୫:୧୭) ତେବେ ପ୍ରଶ୍ନ

ଉଠେ, ଆମ୍ଭେମାନେ କିପରି ଖ୍ରୀଷ୍ଟଙ୍କ ଠାରେ ପ୍ରବେଶ କରି ପାରିବା ? ବାକ୍ୟ କହେ, ''କାରଣ ତୁମ୍ଭେମାନେ ସମସ୍ତେ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କର ସନ୍ତାନ ହୋଇଅଛ ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।'' (ଗାଲାତୀ ୩:୨୬-୨୭) । ଏହାଦ୍ୱାରା ଖ୍ରୀଷ୍ଟଙ୍କ ସହିତ ଆମ୍ଭମାନଙ୍କ ଏକ ନୂତନ ସଂପର୍କ ସ୍ଥାପିତ ହୁଏ । ''ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ଦ୍ୱାରା ସାଧିପ୍ରାପ୍ତ ହୋଇଅଛୁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାର ଉତ୍ଥାପିତ ହେଲେ, ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁ ।'' (ରୋମୀୟ ୬:୪) । ବାପ୍ତିଜିତ ହୋଇଥିବା ଏହି ନୂତନ ବ୍ୟକ୍ତି ପରମେଶ୍ୱରଙ୍କ ଠାରେ ଓ 'ଖ୍ରୀଷ୍ଟଙ୍କ ଠାରେ' ରହିବାର ସୁଯୋଗ ପାଇଥାଏ । ସେ ମାଗିଲେ ପାଇବ, ଖୋଜିଲେ ସନ୍ଧାନ ପାଇବ ଓ ଦ୍ୱାରରେ ଆଘାତ କଲେ ତାହା ନିମନ୍ତେ ଦ୍ୱାର ଫିଟାଇ ଦିଆଯିବ । ପ୍ରିୟ ବନ୍ଧୁ, ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବାରେ ବିଳମ୍ବ ନ କରନ୍ତୁ ! (ଲୂକ ୧୩:୨୩) । ପରମେଶ୍ୱର ବର୍ତ୍ତମାନ ଆପଣଙ୍କୁ ତାହାଙ୍କ ନିକଟକୁ ଫେରି ଆସିବା ନିମନ୍ତେ ଆହ୍ୱାନ ଜଣାଉ ଅଛନ୍ତି । ''ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ, ଯେପରି ବିରକ୍ତି ଜନ୍ମାଇବା ସ୍ଥାନରେ ଘଟିଥିଲା, ସେପରି ଆପଣା ଆପଣା ହୃଦୟ କଠିନ ନ କର ।'' (ଏବ୍ରୀ ୩:୧୫)

*- Dillard Thurman*

❋❋❋

ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

## ''ସତ୍ୟବାଣୀ''

ରେଡ଼ିଓ କାର୍ଯ୍ୟକ୍ରମ **Radio Srilanka** ଦ୍ୱାରା ଶୁଣନ୍ତୁ

**ଦିନ : ପ୍ରତି ରବିବାର      ସମୟ : ସକାଳ ଘ ୬.୪୫ ମି**

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*

**Edited & Published by : Kabita & Joshua Gootam**

# God's Work Summarized

This Book reveals
the mind of God,
the state of man,
the way of salvation,
the doom of sinners,
and the happiness of believers,

Its doctrines are holy,
its precpts are holy,
its histories are true,
and its decisions are immutable.

READ IT to be wise,
BELIEVE IT to be safe,
and PRACTICE IT to be holy.

It contains:
LIGHT to direct you,
FOOD to support you,and
COMFORT to cheer you.

## THE WORD OF GOD

It is the traveler's map,
the pilgrim's staff,
the pilot's compass,
the soldier's sword,
and the Christian's Character.

Here
Paradise is restored,
Heaven is opened,
and the gates of hell are disclosed.

CHRIST is its grand subject,
OUR GOOD is its design.
and the GLORY OF GOD is its end.

It should
fill the memory,
rule the heart,
and guide the feet.

Read it
slowly,
frequently,
and prayerfully.

It is
a mine of wealth,
a paradise of glory,
and ariver of pleasure.

It is
given you in life,
will be opend at the judgament,
and will be remembered forever.

It
involves the highest responsibility,
rewards the greatest labor,
and condemns all who trifle with its holy contents.

*Printed Book Only*

From:

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)